## ସମ୍ଭାବିତ ପ୍ରଶ୍ନାବଳୀ - ଓଡ଼ିଆ (୨୩୩)

## (ବିଭାଗ - କ)

**ନଂ-୧. ଯେ କୌଣସି କୋଡିଏ (୨୦ଟି) ପ୍ରଶ୍ନର ଉତ୍ତର ଦିଅ |** (୧x୨୦ = ୨୦)

କ) ଦୂରପାହାଡ ଏକାଙ୍କିକାର ଲେଖକଙ୍କ ନାମ କ'ଣ?

i) ରମେଶ ପ୍ରସାଦ ପାଣିଗ୍ରାହୀ ii) ପ୍ରାଣବନ୍ଧୁ କର

iii) ରତି ମିଶ୍ର iv) ରତ୍ନାକର ଚଇନି

ଖ) 'ଯୁଧିଷ୍ଠିରଙ୍କର ସ୍ୱର୍ଗାରୋହଣ କବିତା'ର କବି କିଏ?

i) ବଳରାମ ଦାସ ii) ଅଚ୍ୟୁତାନନ୍ଦ ଦାସ

iii) ସାରଳା ଦାସ iv) ବନମାଳୀ ଦାସ

ଗ) ବାସୁ କିଏ?

i) ରେବତୀ ଭାଇ ii) ଶିକ୍ଷକ

iii) ରେବତୀର ମାମୁ iv) ଗାଁର ଜଣେ ଲୋକ

ଘ) ଫକୀର ମୋହନଙ୍କ 'ରେବତୀ' ଏକ _________ ଧର୍ମୀ ଗଳ୍ପ?

i) ପୌରାଣିକ ii) ସଂସ୍କାର ଧର୍ମୀ

iii) ସାମାଜିକ iv) ଐତିହାସିକ

ଙ) ସହିଦ ଲକ୍ଷ୍ମଣଙ୍କ ଗ୍ରାମର ନାମ ______?

i) ବୈପାରୀଗୁଡା ii) ତେନ୍ତୁଳି ଗୁମ୍ମା

iii) ମାଥିଲି iv) ଜୟପୁର

ଚ) ମସୁରୀ ପାହାଡର ସର୍ବୋଚ୍ଚ ସ୍ଥାନର ନାମ ______ ?

i) ମେଟକାଫ ହାଉସ ii) ଲଲଟିବା

iii) ଡେରାଡୁନ iv) ଶାନ୍ତିନିକେତନ

ଛ) 'ପିତା ପୁତ୍ର' ଗଳ୍ପର ଗାଳ୍ପିକଙ୍କ ନାମ ଲେଖ?

i) ଫକୀର ମୋହନ ii) ବୀଣାପାଣି ମହାନ୍ତି

iii) ସୁରେନ୍ଦ୍ର ମହାନ୍ତି iv) ଗୋଦାବରୀଶ ମହାପାତ୍ର

ଜ) ଭାଗବତ ଯେଉଁଠି ପଢ଼ାଯାଏ, ସେ ଘରର ନାମ କ'ଣ?

i) ଭାଗବତ ଗାଦି ii) ଭାଗବତ ଗୋସାଇଁ

iii) ଭାଗବତ ଟୁଙ୍ଗି iv) ଭାଗବତ ପିଣ୍ଡି

ଝ) ରାଜା ପରୀକ୍ଷିତ କିଏ?

i) ଋଷି ii) ମଥୁରାର ରାଜା

iii) ହସ୍ତିନାର ରାଜା iv) ବିଦେଶର ରାଜା

ଞ) ଏବେ ମଧ୍ୟ ବଂଚିଛି ଗଳ୍ପର ଗାଳ୍ପିକାଙ୍କ ନାମ ଲେଖ |

i) ଗୋଦାବରୀଶ ମିଶ୍ର ii) ଗୋଦାବରୀଶ ମହାପାତ୍ର

iii) ମନୋଜ ଦାସ iv) କିଶୋରୀ ଚରଣ ଦାସ

ଟ) ସାହାଯ୍ୟ କେନ୍ଦ୍ରକୁ ଭୋକବିକଳରେ ସମସ୍ତେ ଗଲାବେଳେ ବେଣୁଧର କ'ଣ କଲେ?

i) ତାଙ୍କ ପଛେ ପଛେ ଯାଏ ii) ସେମାନଙ୍କୁ ବାଟ ଛାଡେନି

iii) ନିଦରେ ଶୋଇଯାଏ iv) ପିଣ୍ଡାରେ ତୁନି ହୋଇ ଛିଡା ହୁଏ

ଠ) କିଏ ଶ୍ୱାନରୂପ ଧରିଥିଲେ?

i) ବିଷ୍ଣୁ ii) ବ୍ରହ୍ମା

iii) ଧର୍ମ iv) ଇନ୍ଦ୍ର

ଡ଼) ସହିଦ ଲକ୍ଷ୍ମଣ ନାୟକଙ୍କୁ ________ ଜେଲରେ ଫାଶୀ ଦିଆଯାଇଥିଲା?

i) କଟକ ଜେଲ ii) କଲିକତା ଜେଲ

iii) ବ୍ରହ୍ମପୁର ଜେଲ iv) ହଜାରୀବାଗ ଜେଲ

ଢ) ଧର୍ମ କାହିଁକି ଶ୍ୱାନ ରୂପ ଧାରଣ କରି ଯାଇଥିଲେ?

i) ଯୁଧିଷ୍ଠିରଙ୍କୁ ପରୀକ୍ଷା କରିବା ପାଇଁ ii) ବିଧାତାଙ୍କ ଲୀଳା

iii) ଶ୍ୱାନ ବିଶ୍ୱସ୍ତ ବୋଲି iv) ଯୁଧିଷ୍ଠିରଙ୍କୁ ଅଧିକ ଭଲ ପାଉଥିଲେ

ଣ) ଯୁଧିଷ୍ଠିରଙ୍କ ସହଚର ଶ୍ୱାନର ବର୍ଣ୍ଣ କିପରି ଥିଲା?

i) ନାଲିଆ ii) ଶୁକ୍ଳବର୍ଣ୍ଣ

iii) କଳା iv) ଛାପି ଛାପିକା

ତ) 'ଏ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ' - ଏହା କିଏ କହିଥିଲେ?

i) ନୀଳକଣ୍ଠ ଦାସ ii) ଭୀମ ଭୋଇ

iii) ଉପେନ୍ଦ୍ର ଭଂଜ iv) କୁନ୍ତଳା କୁମାରୀ

ଥ) 'ତ୍ରିବେଣୀ' କହିଲେ କ'ଣ ବୁଝ?

i) ତିନିଟା ବେଣୀ ii) ତ୍ରିବେଣୀ ଘାଟ

iii) ରାଜକନ୍ୟାର ବେଣୀ iv) ତିନୋଟି ନଦୀର ସଙ୍ଗମ ସ୍ଥଳୀ

ଦ) କେଉଁ ସ୍ଥାନକୁ ଉତ୍କଳ ଲକ୍ଷ୍ମୀଙ୍କ ବାସଗୃହ ରୂପେ ଗ୍ରହଣ କରାଯାଇଛି?

i) ସମୁଦ୍ରକୁ ii) ଚିଲିକାକୁ

iii) ତୁଙ୍ଗ ଶୈଳକୁ iv) ନଦୀ ଝରଣାକୁ

ଧ) ଯେଉଁ ଘରେ ପିଲାଟିର ଜନ୍ମ ହୁଅ ସେହି ଘରକୁ __________ କୁହାଯାଏ?

i) ଷଠୀ ଘର ii) ଜାତକର୍ମ ଘର

iii) ଏନ୍ତୁଡ଼ିଶାଳ iv) ପ୍ରସୂତି କକ୍ଷ

ନ) ନର ଜୀବନ ନିଷ୍ଫଳ ହୁଏ କେମିତି?

i) ବିଶ୍ୱ ଦୃଷ୍ଟି ଯେବେ ନାହିଁ ii) ବିଶ୍ୱ ସେବା ଯେବେ ନାହିଁ

iii) ବିଶ୍ୱର ଅଧ୍ୟୟନ ଯଦି ନାହିଁ iv) ବିଶ୍ୱ ହରଣ ଯେବେ ନାହିଁ

ପ) 'ମାଡହାଣ୍ଡି କଥା'ର ସଂଗ୍ରାହକଙ୍କ ନାମ ଲେଖ?

i) ସୁରେନ୍ଦ୍ର ମହାନ୍ତି ii) ଫକୀର ମୋହନ

iii) ଗୋପାଳ ଚନ୍ଦ୍ର ପ୍ରହରାଜ iv) ପୀତାମ୍ବରୀ ଦେବୀ

ଫ) ଆମ ଘରର ହାଲଚାଲର ଲେଖକ କିଏ?

i) ଗୋପାଳ ଚନ୍ଦ୍ର ପ୍ରହରାଜ ii) ଗୋଦାବରୀଶ ମିଶ୍ର

iii) ସୁରେନ୍ଦ୍ର ମହାନ୍ତି iv) କେଉଁଟି ନୁହେଁ

ବ) 'ସରୋବର ବର୍ଣ୍ଣନା' ର କବି କିଏ?

i) ଦୀନକୃଷ୍ଣ ଦାସ ii) ଉପେନ୍ଦ୍ର ଭଂଜ

iii) ଗୋପାଳ କୃଷ୍ଣ iv) ବଳଦେବ ରଥ

ଭ) ରେବତୀର ବାପାଙ୍କ ନାମ କ'ଣ?

i) ଶ୍ୟାମବନ୍ଧୁ ମହାନ୍ତି ii) କୃପାସିନ୍ଧୁ ମହାନ୍ତି

iii) ନଟବର ମହାନ୍ତି iv) ବାସୁଦେବ ମହାନ୍ତି

ମ) 'ଆଚାର୍ଯ୍ୟେ ଥିଲେ ବୋଲି' ଗଳ୍ପର ଆଚାର୍ଯ୍ୟ କିଏ?

i) ଆଚାର୍ଯ୍ୟ କୃପାଳିନୀ ii) ଆଚାର୍ଯ୍ୟ ହରିହର

iii) ମନମୋହନ ଆଚାର୍ଯ୍ୟ iv) ଶାନ୍ତନୁ ଆଚାର୍ଯ୍ୟ

ଯ) 'ମାଗୁଛି ଚିଲିକା ମେଲାଣି ତୋ ଠାରେ, ବାହୁଡ଼ିବି ଏବେ ଦାରୁଣ ସଂସାରେ' କିଏ ଏଠାରେ ମେଲାଣି ମାଗୁଛନ୍ତି?

i) କବି ନିଜେ ii) ପାଠକ

iii) ଦର୍ଶକ iv) ପକ୍ଷୀଗଣ

ର) 'ବିଶ୍ୱରୂପ ଦର୍ଶନ' କାବ୍ୟାଂଶଟି ଜଗନ୍ନାଥ ଦାସଙ୍କ କେଉଁ ଗ୍ରନ୍ଥ ଅନ୍ତର୍ଗତ?

i) ଶ୍ରୀମଦ ଭାଗବତ ii) ମହାଭାରତ

iii) ହରିବଂଶ iv) ତୁଳାଭିଣା

ଳ) ଆବରଥିଲା ଜଟିଆ ବୁଢ଼ୀ, ପିଲାଠୁ ବଡ ସବୁରି __________ |

i) ଆଇ ii) ଖୁଡୀ

iii) ମାଇଁ iv) ଭାଉଜ

ଶ) ପେଟରେ ପେଟେ ମାମଲା ବୁଦ୍ଧି କାହାର ଥିଲା?

i) କପିଳନନ୍ଦେ ii) ହରି ସୁବୁଦ୍ଧି

iii) ଛଣୀ ମହାନ୍ତି iv) ସାମନ୍ତରାୟ

ସ) ଚକୁଳିଆ ପଣ୍ଡା ଦେଖିଲା ପୋଖରୀ ଚାରିପାଖ ଯାକ _______ ପଥରରେ ପାହାଚ ବସିଛି?

i) ଚକା ପଥର ii) ଖଡ଼ି ପଥର

iii) ଶଙ୍ଖ ମଲ ମଲ ପଥର iv) ମାଙ୍କଡ଼ା ପଥର

## (ବିଭାଗ - ଖ)

**ନଂ-୨. (କ) ନିମ୍ନଲିଖିତ ପ୍ରଶ୍ନ ଗୁଡିକର ଉତ୍ତରଦିଅ -**

i) 'ଛୋଟ ମୋର ଗାଁ' କବିତାର କବିଙ୍କ ନାମ ଲେଖ? (୧x୧)

ii) 'ଯୁଧିଷ୍ଠିରଙ୍କ ସ୍ୱର୍ଗାରୋହଣ' କବିତାଟି ଓଡ଼ିଆ ମହାଭାରତର କେଉଁ ପର୍ବ ଅନ୍ତର୍ଗତ? (୧x୧)

iii) 'ପିତାପୁତ୍ର' ଗଳ୍ପରେ ପିତା କିଏ ଓ ପୁତ୍ର କିଏ? (୧x୧)

କିମ୍ବା

(iv) ଆକାଶଦୀପ କ'ଣ?

v) କାହାର ମୁହଁ କାତିଠାରୁ ଅଧିକ ଦାଢୁଆ? (୧x୧)

କିମ୍ବା

vi) କୃଷ୍ଣ ମାଟି ଖାଇବା କଥା ଯଶୋଦାକୁ ପ୍ରଥମେ କିଏ ଜଣାଇଲେ?

vii) ଭାଗବତର ଶ୍ରୋତା ଓ ବକ୍ତାଙ୍କ ନାମ ଲେଖ | (୧x୧)

କିମ୍ବା

viii) ଦୂରପାହାଡ ଏକାଙ୍କିକାର ଦୁଇ ମୁଖ୍ୟ ଚରିତ୍ରଙ୍କ ନାମ ଲେଖ |

**(ଖ) ଅନୁଚ୍ଛେଦଟି ପାଠକରି ନିର୍ଦ୍ଦେଶ ମୁତାବକ ଉତ୍ତର ଦିଅ (ଯେ କୌଣସି ୨ଟି ର)** (୧x୨)

ଜୀବଜନ୍ତୁଙ୍କ ମେଳରେ ଆଦି-ମାନବ ବଣରେ ରହୁଥିଲା | ଗୁମ୍ଫାରେ ରହୁଥିଲା | ପ୍ରାକୃତିକ ବିପର୍ଯ୍ୟୟ ଜନିତ ଦୁଃଖ କଷ୍ଟ ଭୋଗୁଥିଲା | କିନ୍ତୁ ସେ ଏହାକୁ ଏଡ଼ାଇବାର ଉପାୟ ଖୋଜୁଥିଲା | ସେଇ ଉପାୟ ଖୋଜିବାର ପ୍ରଥମ ପାହାଚ ଥିଲା ଅପଦେବତାକୁ ପୂଜା କରି ସନ୍ତୁଷ୍ଟ ଓ ଶାନ୍ତି କରିବାର ବାଟ | ପ୍ରାକୃତିକ ବିପର୍ଯ୍ୟୟକୁ ଏଡ଼ାଇବାରେ ଏଇ ଇଚ୍ଛା ତାକୁ ଆଉ ପାଦେ ଆଗେଇ ଆସି ପ୍ରକୃତ ବାଟ ଧରାଇଥିଲା |

(i) ଆଦି-ମାନବ କେଉଁଠି ରହୁଥିଲା?

(ii) ଅପଦେବତାକୁ କାହିଁକି ପୂଜା କରୁଥିଲେ?

(iii) ଆଦିମାନବ କି ପ୍ରକାର କଷ୍ଟ ଭୋଗୁଥିଲା?

**(ଗ) ସଠିକ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର?** (୧x୧)

ପ୍ରକୃତିକୁ ତୋଷ କରିବା ପାଇଁ ଆଦିମାନବ __________ କରୁଥିଲା |

i) ଦେବପୂଜା ii) ଅପଦେବତା ପୂଜା iii) ପ୍ରକୃତି ପୂଜା iv) ଜଣା ନାହିଁ

**(ଘ) 'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭ ମିଳନ କର |** (୧x୪ = ୪)

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| i) ମୋ ଜୀବନ ପଛେ ନର୍କେ ପଡିଥାଉ | i) ସୁରେନ୍ଦ୍ର ମହାନ୍ତି |
| ii) ଖଦ୍ୟୋତିକା | ii) ଫକୀରମୋହନ ସେନାପତି |
| iii) ରେବତୀ | iii) ଭୀମଭୋଇ |
| iv) ପିତାପୁତ୍ର | iv) ବିଦ୍ୟୁତ ପ୍ରଭାଦେବୀ |

## (ବିଭାଗ - ଗ)

**ନଂ-୩. ଯେ କୌଣସି ୫ଟି ର ଉତ୍ତର ଲେଖ |** (୧x୫=୫)

କ) ପୃଥିବୀର ସଂସ୍କୃତିକୁ ଓଡିଶାର ନିତ୍ୟଦାନ କ'ଣ ଅଟେ?

ଖ) କେଉଁଟି ସୂଚନା ଓ ପ୍ରଯୁକ୍ତିବିଦ୍ୟାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଅଟେ?

ଗ) ନାରୀଶିକ୍ଷା ଆଧାରିତ ବ୍ୟାସକବିଙ୍କ ରଚିତ ଗଳ୍ପଟିର ନାମ କ'ଣ?

ଘ) ଯେପରି ସଂଯୋଗର ବିପରୀତ ବିଯୋଗ, ସେହିପରି ପ୍ରାଚୀନର ବିପରୀତ କ'ଣ ଅଟେ?

ଙ) କାଣୀ ବିରାଡ଼ିର __________ ଉପରେ ରାଗ |

ଚ) ମଣିଷ ପ୍ରକୃତି __________ ତୁଟେ |

ଛ) ଯେଉଁ ବ୍ୟକ୍ତି ପରୀକ୍ଷା କରନ୍ତି, ତାଙ୍କୁ କ'ଣ କୁହାଯାଏ?

ଜ) ଚିଠି ଲେଖିଲା ବେଳେ ପ୍ରାପକର ନାମ ଲଫାପାର କେଉଁ ପଟେ ରହେ |

**ନଂ-୪. ଯେ କୌଣସି ୫ଟି ର ଉତ୍ତର ଦିଅ |** (୧x୫=୫)

କ) ପୂର୍ଣଚନ୍ଦ୍ର ଭାଷାକୋଷର ରଚୟିତାଙ୍କ ନାମ ଲେଖ |

ଖ) 'ଚିଲିକା' କାବ୍ୟର ରଚୟିତାଙ୍କ ନାମ କ'ଣ?

ଗ) ଶୁଦ୍ଧ ଶବ୍ଦଟି ଚିହ୍ନାଇ - ଦୁରବସ୍ଥା, ଦୁରାବସ୍ଥା |

ଘ) ଶ୍ରୀକୃଷ୍ଣଙ୍କ ପାଟି ଭିତରୁ ମାଟି କାଢିଲା ବେଳେ ଯଶୋଦା କ'ଣ ଦେଖିଥିଲେ?

ଙ) ପ୍ରକୃତିକୁ ସନ୍ତୁଷ୍ଟ କରିବା ପାଇଁ ଗୁମ୍ଫା ମଣିଷ କ'ଣ କରୁଥିଲା?

ଚ) ଆବଶ୍ୟକତା ହିଁ ଉଦ୍ଭାବନର ଜନନୀ - ଠିକ ଅର୍ଥ ପ୍ରକାଶ କରୁଥିବା ବାକ୍ୟଟିକୁ ଚିହ୍ନାଇ ଦିଅ |

i) ଉଦ୍ଭାବନ ମନକୁ ହୁଏ ନାହିଁ |

ii) ଉଦ୍ଭାବନ କରିବା ପାଇଁ ଜ୍ଞାନ ଦରକାର |

iii) ଅତି ଦରକାର ପଡିଲେ ଆବଶ୍ୟକତା ଅନୁଯାୟୀ ଉଦ୍ଭାବନ କରିଥାଏ |

ଛ) ଯେମିତି କ୍ଷମତାଥିଲେ, ଠିକ ସେମିତି ଶକ୍ତି ଥିଲେ_______?

ଜ) ପୃଥିବୀର ପ୍ରଥମ ଛପାପୁସ୍ତକର ନାମ ଲେଖ |

**ନଂ-୫. ଯେ କୌଣସି ୫ ପ୍ରଶ୍ନର ଉତ୍ତର ଦିଅ |** (୧x୫=୫)

କ) ଖଦ୍ୟୋତିକା କିଏ?

ଖ) ଉତ୍କଳ ଲକ୍ଷ୍ମୀର କବି କିଏ?

ଗ) 'ସୈନ୍ଧବ' ଶବ୍ଦ ଦୁଇଟି ଅର୍ଥ | ଗୋଟିଏ ହେଲା - ଲୁଣ, ଅନ୍ୟଟି କ'ଣ?

ଘ) ଦିଲ୍ଲୀ ଚିଠି କାହାର ରଚନା?

ଙ) ଉତ୍କଳ ଭାରତୀ କିଏ?

i) ବିଦ୍ୟୁତ ପ୍ରଭା ଦେବୀ

ii) କୁନ୍ତଳା କୁମାରୀ

iii) ସାରଳା ଦେବୀ

ଚ) ସୂର୍ଯ୍ୟଙ୍କର ଦୁଇଟି ପ୍ରତିଶବ୍ଦ ଲେଖ?

ଛ) 'ଫସର ଫାଟିବା' ର ଅର୍ଥ ଲେଖ |

ଙ) କେଉଁଟି ଠିକ୍ ବାଛି ଲେଖ |

i) ୧୮୦୩ ରେ ଇଂରେଜମାନେ ଭାରତ ଆସିଥିଲେ |

ii) ୧୮୦୩ ରେ ଇଂରେଜମାନେ ଓଡିଶା ଦଖଲ କରିଥିଲେ |

iii) ୧୮୦୩ ରେ ପାଇକ ବିଦ୍ରୋହ ହୋଇଥିଲା |

**ନଂ-୬.** କ) ଠିକ ବନାନ ଥିବା ଶବ୍ଦଟିକୁ ଚିହ୍ନାଇ ଦିଅ | (୧x୧=୧)

ଶିକାର, ଶୀକାର, ସିକାର

ଖ) 'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭ ର ମିଳନ କର | (୧x୨=୨)

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ସ୍ୱଦେଶୀ | ମାର୍ଗ |
| ତାଲିମ | ଭାବ |
| ହିଂସାତ୍ମକ | କର୍ମ |
| ଦ୍ୱିଧା | କେନ୍ଦ୍ର |
| | ଆନ୍ଦୋଳନ |

## (ବିଭାଗ -ଘ)

**ନଂ-୭. ଯେ କୌଣସି ୧୦ଟି ପ୍ରଶ୍ନର ଉତ୍ତର ଲେଖ |** (୨x୧୦=୨୦)

କ) ବାସୁ ମାଷ୍ଟରଙ୍କ ପରିଚୟ ପ୍ରଦାନ କର |

ଖ) ଭୂଗୋଳ ପୋଥି ପତରେ ନଥାଉ ତା'ର ନାଁଟି - ଏକଥା କିଏ ଏବଂ କେଉଁଠି କହିଥିଲେ?

ଗ) କାହାର ଉଦ୍ଧାର ପାଇଁ କିଏ ନିଜ ଜୀବନକୁ ମଧ୍ୟ ନର୍କରେ ପକାଇବା ପାଇଁ ଇଛା କରିଥିଲେ?

ଘ) ଚକୁଳିଆ ପଣ୍ଡା ପରିବାରରେ କିଏ କିଏ ଥିଲେ?

ଙ) କାହା ପେଟରେ ପେଟେ ମାମଲା ବୁଦ୍ଧି ଥିଲା?

ଚ) 'ନର ଜୀବନେ କି ଫଳ କହ ବିଶ୍ୱାସେବା କେବେଟି ନାହିଁ, ବଞ୍ଚିବାର ଗୌରବ କି ମାଟିରେ ଖାଲି ମିଶିବା ପାଇଁ' - ଏହା କେଉଁ କବିଙ୍କ କେଉଁ କବିତାର ଅଂଶ ବିଶେଷ ଅଟେ |

ଛ) ଭାଗବତ କଥା କିଏ କାହାକୁ ଶୁଣାଉଥିଲେ?

ଜ) ମାଦଳା ପାଞ୍ଜି କଣ? ଏ ସଂପର୍କରେ ସୂଚନା ଦିଅ |

ଝ) ଆକାଶଦୀପ କ'ଣ? ସେ ଗାଁ ଶେଷ ମୁଣ୍ଡରେ ଥିବା ବିଧବା ଅବେଳାର ସାହାରା କିପରି?

ଞ) ଗାଁ ଗାଁ ରେ ବୁଲି ଲକ୍ଷ୍ମଣ ନାୟକ କେଉଁ ଭାଷାରେ ଉଦବୋଧନ ଦେଉଥିଲେ?

ଟ) ମାଲକାନଗିରି ଗାନ୍ଧୀ କିଏ?

ଠ) କେଉଁ ପ୍ରବନ୍ଧର ଲେଖକ ନିଜକୁ ଗୋଠ ଖଣ୍ଡିଆ ବୋଲି କହିଛନ୍ତି?

**ନଂ-୮. ଯେ କୌଣସି ୫ଟି ପ୍ରଶ୍ନର ଉତ୍ତର ଦିଅ |** (୩x୫=୧୫)

କ) ଭୋକିଲା ଚକୁଳିଆ ପଣ୍ଡା କେମିତି ଖାଦ୍ୟ ହାଣ୍ଡି ପ୍ରଥମେ ପାଇଲା ଲେଖ?

ଖ) ସହିଦ ଲକ୍ଷ୍ମଣ ନାୟକଙ୍କ ପରିଚୟ ପ୍ରଦାନ କର |

ଗ) 'ଏବେ ମଧ୍ୟ ବଂଚିଛି' ଗଳ୍ପର ମୁଖ୍ୟ ଚରିତ୍ର ବେଣୁଧର ସମ୍ପର୍କରେ ନିଜର ମତ ଉପସ୍ଥାପନା କର |

ଘ) ମଣିଷ ଜୀବନରେ ଭାଗବତର ଭୂମିକା କିପରି ସମ୍ୟକ ସୂଚନା ଦିଅ |

ଙ) ପ୍ରକାଶ ଭଂଗୀ ଦୃଷ୍ଟିରୁ ଉକ୍ତିକୁ କେତେଭାଗରେ ବିଭକ୍ତ କରାଯାଏ ଓ ତାହା କଣ କଣ ଲେଖ |

ଚ) ତୁଳସୀ ଦୁଇ ପତ୍ରରୁ ବାସେ - ଭାବ ସଂପ୍ରସାରଣ କର |

ଛ) ଝିମିଟି ଖେଳରୁ ମହାଭାରତ - ଭାବ ସଂପ୍ରସାରଣ କର |

**ନଂ-୯. ଓଡ଼ିଆରେ ଅନୁବାଦ କର |** (୧x୪=୪)

Once there was a kingdom, named Ayodhya, on the bank of the river Sarayu. Dasarath was the king, he had three queens and four sons. Do you know? Yes, I know.

**ନଂ-୧୦.** ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଆପଣାର ବନ୍ଧୁଙ୍କୁ ଅଭିନନ୍ଦନ ଜଣାଇ ପତ୍ର ଲେଖ |

କିମ୍ବା

ବିଶ୍ୱକପ କ୍ରିକେଟ - ୨୦୨୩ (ପ୍ରବନ୍ଧ ରଚନା କର)

**ନଂ-୧୧.** ଦେଶପାଇଁ ଶହୀଦ ଲକ୍ଷ୍ମଣ ନାୟକଙ୍କ ଆତ୍ମବଳୀ ଦାନ ସଂପର୍କରେ ଆଲୋଚନା କର |

(୧x୬=୬)

କିମ୍ବା

ଭାବ ସଂକ୍ଷେପଣ କର |

ଯାହାର ଅନୁକମ୍ପା ନାହିଁ, ସେ ଅନୁକମ୍ପାର ପାତ୍ର ନୁହେଁ | ତୁମ୍ଭେ ଅନ୍ୟ ପ୍ରତି ନିର୍ମମ ହେଲେ, ଅନ୍ୟମାନେ ତୁମ୍ଭ ପ୍ରତି ନିର୍ମମ ହେବେ | ନହେଲେ ବି ସେମାନଙ୍କ ପ୍ରୀତି ତୁମ୍ଭର ଜୀବନକୁ ସରସ କରିବ ନାହିଁ | କାରଣ ତୁମ୍ଭର ସେ ପ୍ରୀତି ଭୋଗ କରିବାର ପ୍ରବଣତା ଆସିବ ନାହିଁ | ଏହା ତୁମ୍ଭର ହୃଦୟ ଶୀତଳ ନକରି ଯେପରି କି ମସ୍ତକରେ  କରକାପାତ କରିବ | ଯେ ବାଡ଼ ପକାଏ, ସେ ଅଳ୍ପ ମାତ୍ର ଭୂମି ଗ୍ରହଣ କରି ବହୁର ବାରଣ କରେ | ସେହିପରି ଆମ୍ଭେ ଅନ୍ୟକୁ ଭଲ ନ ପାଇ ଆମ୍ଭାକୁ ବାରଣ କଲେ ଅନ୍ୟର ପ୍ରୀତି ଆମ୍ଭ ପାଖରେ ପହଂଚିପାରିବ ନାହିଁ | ପ୍ରୀତି ନ ଦେଲେ ପ୍ରୀତିର ମୂଲ୍ୟ ବୁଝିବା ଅସମ୍ଭବ | ପ୍ରୀତି-ହୀନ ହୃଦୟ ଜଡ | ଘଟଣାର ସ୍ରୋତରେ ତାହା ଭାଙ୍ଗି ବାଲୁକାରେ ପରିଣତ ହୋଇପାରେ, କିନ୍ତୁ ତରଳି ପ୍ରବାହିତ ହେବ ନାହିଁ | ପ୍ରୀତି ପ୍ରବାହରେ ବହୁଜନ ସଙ୍ଗେ ଜୀବନର ଅନୁଭୂତି ଉନ୍ନତି ଓ ମଧୁର ହୋଇଥାଏ | ମାତ୍ର ସ୍ୱାର୍ଥର କ୍ଷୀଣ ଧାରାରେ ଜୀବନ ସଙ୍କୁଚିତ ଓ ନୀରସ ହୁଏ | ବିଶ୍ୱଜନର ସଂହତିରେ ଆମ୍ଭା ସୁଖର ଚିନ୍ତା କଲେ, ସେ ଚିନ୍ତାରେ ପ୍ରାଣ ଶ୍ରୀ-ସଂପନ୍ନ ସ୍ୱୟଂ ସଂପୂର୍ଣ୍ଣ ଓ ମହୀୟାନ ହୁଏ |

# Marking Scheme-୨୩୩ (ଉତ୍ତର)

## (ବିଭାଗ - କ)

**ନଂ-୧.** କ) (ii) ପ୍ରାଣବନ୍ଧୁ କର

ଖ) (iii) ସାରଳା ଦାସ

ଗ) (ii) ଶିକ୍ଷକ

ଘ) (ii) ସଂସ୍କାର ଧର୍ମୀ

ଙ) (ii) ତେନ୍ତୁଳୀ ଗୁମ୍ଫା

ଚ) (ii) ଲଲଟିବା

ଛ) (iii) ସୁରେନ୍ଦ୍ର ମହାନ୍ତି

ଜ) (iii) ଭାଗବତ ଟୁଙ୍ଗି

ଝ) (iii) ହସ୍ତିନାର ରାଜା

ଞ) (ii) ଗୋଦାବରୀଶ ମହାପାତ୍ର

ଟ) (iv) ପିଣ୍ଡାରେ ତୁନି ହୋଇ ଛିଡା ହୁଏ

ଠ) (iii) ଧର୍ମ

ଡ଼) (iii) ବ୍ରହ୍ମପୁର ଜେଲ

ଢ) (i) ଯୁଧିଷ୍ଠିରଙ୍କୁ ପରୀକ୍ଷା କରିବା ପାଇଁ

ଣ) (ii) ଶୁକ୍ଳ ବର୍ଣ୍ଣ

ତ) (ii) ଭୀମ ଭୋଇ

ଥ) (iv) ତିନୋଟି ନଦୀର ସଙ୍ଗମ ସ୍ଥଳୀ

ଦ) (ii) ଚିଲିକାକୁ

ଧ) (iii) ଏନ୍ତୁଡ଼ିଶାଳ

ନ) (ii) ବିଶ୍ୱ ସେବା ଯେବେ ନାହିଁ

ପ) (iii) ଗୋପାଳ ଚନ୍ଦ୍ର ପ୍ରହରାଜ

ଫ) (i) ଗୋପାଳ ଚନ୍ଦ୍ର ପ୍ରହରାଜ

ବ) (ii) ଉପେନ୍ଦ୍ର ଭଂଜ

ଭ) (i) ଶ୍ୟାମବନ୍ଧୁ ମହାନ୍ତି

ମ) (ii) ଆଚାର୍ଯ୍ୟ ହରିହର

ଯ) (i) କବି ନିଜେ

ର) (i) ଶ୍ରୀମଦ ଭାଗବତ

ଲ) (ii) ଖୁଡୀ

ଶ) (ii) ହରି ସୁବୁଦ୍ଧି

ସ) (iii) ଶଙ୍ଖ ମଲ ମଲ ପଥର

## (ବିଭାଗ - ଖ)

**ନଂ-୨.** କ) (i) ସଚ୍ଚି ରାଉତରାୟ

(ii) ସ୍ୱର୍ଗାରୋହଣ ପର୍ବ

(iii) ପିତା - ବିମ୍ବିସାର, ପୁତ୍ର - ଅଜାତଶତ୍ରୁ

(iv) ଦିବଙ୍ଗତ ସ୍ୱାମୀର ମୋକ୍ଷ କାମନା କରି ବିଧବା ସ୍ତ୍ରୀ ଦ୍ୱାରା ପ୍ରଦାନ କରାଯାଉଥିବା ଦୀପ |

(v) ଜଟିଆ ବୁଢ଼ୀର

(vi) ବଳରାମ

(vii) ରାଜା ପରୀକ୍ଷିତ ଓ ଶୁକମୁନି

(viii) ବିମଳ, ବୀଣା

**ଖ)** (i) ଜୀବଜନ୍ତୁଙ୍କ ମେଳରେ ବଣରେ ରହୁଥିଲା |

(ii) ପ୍ରାକୃତିକ ବିପର୍ଯ୍ୟୟକୁ ଦୁରେଇ ଦବା ପାଇଁ |

(iii) ପ୍ରାକୃତିକ ବିପର୍ଯ୍ୟୟ ଜନିତ କଷ୍ଟ ଭୋଗୁଥିଲା |

ଗ) ଅପଦେବତା ପୂଜା

ଘ) I – III

II – IV

III – II

IV – I

## (ବିଭାଗ -ଗ)

**ନଂ-୩.** କ) ଜଗନ୍ନାଥ ଧର୍ମ

ଖ) ଦୂରସଂଚାର କାର୍ଯ୍ୟକ୍ରମ

ଗ) ରେବତୀ

ଘ) ନବୀନ

ଙ) କୁଜି ଅସରପା

ଚ) ମଲେ

ଛ) ପରୀକ୍ଷକ

ଜ) ଡାହାଣ ପଟେ

**ନଂ-୪.** କ) ଗୋପାଳଚନ୍ଦ୍ର ପ୍ରହରାଜ

ଖ) ରାଧାନାଥ ରାୟ

ଗ) ଦୁରବସ୍ଥା

ଘ) ବିଶ୍ୱ ବ୍ରହ୍ମାଣ୍ଡ

ଙ) ଅପଦେବତାଙ୍କ ପୂଜା କରୁଥିଲା

ଚ) (iii)

ଛ) ଶକ୍ତିଶାଳୀ

ଜ) ବାଇବେଲ୍

**ନଂ-୫.** କ) ଜୁଲୁଜୁଳିଆ ପୋକ

ଖ) ଗଙ୍ଗାଧର ମେହେର

ଗ) ଘୋଡା

ଘ) କୁନ୍ତଳା କୁମାରୀ ସାବତ

ଙ) (ii) କୁନ୍ତଳା କୁମାରୀ

ଚ) କର, ଦିବାକର, ଆଦିତ୍ୟ, ସବିତା....

ଛ) ଯୋଜନା ଭଣ୍ଡୁର ହେବ

ଜ) (ii)

**ନଂ-୬.** କ) ଶିକାର

ଖ) ସ୍ୱଦେଶୀ - ଆନ୍ଦୋଳନ

ତାଲିମ - କେନ୍ଦ୍ର

ହିଂସାତ୍ମକ - ମାର୍ଗ

ଦ୍ୱିଧା - ଭାବ

**ନଂ-୭.** କ) (ଗଳ୍ପ ଓ ଗାଳ୍ପିକଙ୍କ ନାମ ଲେଖାଯିବା ଦରକାର)

ଗଳ୍ପ - ରେବତୀ, ଗାଳ୍ପିକ - ଫକୀର ମୋହନ ସେନାପତି

ଖ) ଏକଥା କବି ସଚ୍ଚିଦାନନ୍ଦ ରାଉତରାୟ ନିଜ 'ଛୋଟ ମୋର ଗାଁ ଟି' କବିତାରେ କହିଛନ୍ତି |

ଗ) ନିଜ ଜୀବନ ବିନିମୟରେ ଜଗତ ଉଦ୍ଧାର ପାଇଁ ସନ୍ଥ କବି ଭୀମ ଭୋଇ ଇଚ୍ଛା କରିଥିଲେ |

ଘ) ସିଏ ଓ ତା'ର ମାଆ

ଙ) ହରି ସୁବୁଦ୍ଧି

ଚ) ଖଦ୍ୟୋତିକା, ବିଦ୍ୟୁତପ୍ରଭା ଦେବୀ

ଛ) ଶୁକମୁନି ରାଜା ପରିକ୍ଷୀତଙ୍କୁ

ଜ) ପୁରୀ ଜଗନ୍ନାଥ ମନ୍ଦିରରେ ସଂରକ୍ଷିତ ତାଳପତ୍ର ପୋଥି |

ଝ) ଛୋଟ ମୋର ଗାଁ ଟି କବିତାରେ ଗାଁ ଶେଷ ମୁଣ୍ଡରେ ଏକଥା ଘରେଥିବା ଅସହାୟ ବିଧବା କାର୍ତ୍ତିକ ବ୍ରତକରି ଆକାଶଦୀପ ଜାଳେ |

ଞ) ଦେଶିଆଭାଷା

ଟ) ଲକ୍ଷ୍ମଣ ନାୟକ

ଠ) ଆମଘରର ହଳଚଲ - ଗୋପାଳ ଚନ୍ଦ୍ର ପ୍ରହରାଜ

**ନଂ-୮.** କ) ଜଳଦେବୀଙ୍କ କୃପାରୁ - ବିଷୟ: ମାଡାହାଣ୍ଡି କଥା, ଲେ: ପୀତାମ୍ବରୀ ଦେବୀ

ଖ) ତେନ୍ତୁଳୀଗୁମ୍ମାର ଜନ୍ମ ନେଇଥିବା ମୁକ୍ତି ସଂଗ୍ରାମୀ - ବିଷୟ: ଶହୀଦ ଲକ୍ଷ୍ମଣ ନାୟକ, ଲେ: ଖଗେଶ୍ୱର ମହାପାତ୍ର

ଗ) ସତ୍ୟବାଦୀ ବନବିଦ୍ୟାଳୟରୁ ଶିକ୍ଷା ଗ୍ରହଣ କରିଥିବା ଯୁବକ - ବିଷୟ: ଏବେ ମଧ ବଂଚିଛି, ଲେ: ଗୋଦାବରୀଶ ମହାପାତ୍ର

ଘ) ମାନବ ଦେହେ ଥିବା ଦିବ୍ୟାତାର ଉନ୍ମୀଳନ ପାଇଁ - ବିଷୟ: ବିଶ୍ୱରୂପ ଦର୍ଶନ, ଲେ: ଅତିବଡ଼ି ଜଗନ୍ନାଥ ଦାସ

ଙ) ୨ ଭାଗରେ - ପ୍ରତ୍ୟକ୍ଷ ଉକ୍ତି ଓ ପରୋକ୍ଷ ଉକ୍ତି

ଚ) ଭାବସଂପ୍ରସାରଣ....

**ନଂ-୯.** ଅନୁବାଦ

**ନଂ-୧୦.** ପତ୍ରଲିଖନର ମୌଳିକତା - ଯଥା: ସମ୍ବୋଧନ, କମା, ଉପସଂହାର

**ନଂ-୧୧.** ଲକ୍ଷ୍ମଣଙ୍କୁ ଥାନା ବାରଣ୍ଡାରୁ ଟେକିନେଇ ପୋଲିସ ବହୁତ ମାଡ ଦେଲେ | ତାଙ୍କ ନିଶ ରେ ନିଆଁ ଲଗାଇଦେଲେ ଏବଂ ବନ୍ଧୁକ ବାୟୋନେଟରେ ମୁହଁକୁ ଭୂଷି ଦେଲେ | ଶେଷରେ ଅଚେତ ଲକ୍ଷ୍ମଣଙ୍କୁ ମରିଯାଇଛି ଭାବି ଏକ ପାଣି ଗାଡ଼ିଆରେ ପକାଇଦେଲେ |

କିମ୍ବା

ଭାବସଂକ୍ଷେପଣ